# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି
# 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ

(ନୟାଗଡ ଜିଲ୍ଲାର ନୂଆଗାଁ ତହସିଲ ଅନ୍ତର୍ଗତ ଭିରୁଡା ଓ ଖୁଣ୍ଟୁବନ୍ଧ ଗ୍ରାମରେ ଖୋର୍ଦ୍ଧା ରୋଡ- ବଲାଙ୍ଗୀର ନୂତନ ଓସାରିଆ ରେଳପଥ ସଂଯୋଗୀ କରଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମ୍ପର୍କେ)

**ବୈଧାନୀକ ବ୍ୟବସ୍ଥା**

ଖୋର୍ଦ୍ଧା ରୋଡ- ବଲାଙ୍ଗୀର ନୂତନ ଓସାରିଆ ରେଳପଥ ସଂଯୋଗୀ କରଣ ପ୍ରକଳ୍ପ ପାଇଁ ନୟାଗଡ ଜିଲ୍ଲାର ନୂଆଗାଁ ତହସିଲ ଅନ୍ତର୍ଗତ ଭିରୁଡା ଓ ଖୁଣ୍ଟୁବନ୍ଧ ଠାରେ ଷ୍ଟେଶନ ନିର୍ମାଣ ପାଇଁ ଏ.୩୩.୮୫୫ ଡିସିମିଲି ବ୍ୟକ୍ତିଗତ ମାଲିକାନା ଭୂକ୍ତ ଜମି ଅଧିଗ୍ରହଣ ନିମନ୍ତେ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ **" ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ** ଆବଶ୍ୟକ ହେଉଥିବା ସାମାଜିକ- ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

ଅଧିସୂଚନା

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ନୂଆଗାଁ | ଭିରୁଡା | ୨୫.୮୪୫ | ୧୭୩୭୨/ରା.ବି.ପ ତା ୧୪.୦୫.୧୮ |
| 2 | | ଖୁଣ୍ଟୁବନ୍ଧ | ୮.୦୧୦ | |

**ସାମାଜିକ ପ୍ରଭାବ ଆକଳନ ଅଧୟନ**

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରଙ୍କୁ ହସ୍ତାନ୍ତର କରାଯାଇ ଥିଲା । ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ' ପୂର୍ବାସା ' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର , ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଅଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା- ୫)**

"ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣ ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧମରେ ଜଣାଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ନୂଆଗାଁ ତହସିଲର ବଡଗୋଠ ପଞ୍ଚାୟତରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିର ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ଜମିକୁ ରେଳ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

ପ୍ରକାଶନ (ଧାରା-୬)

ଭିରୁଡା ଓ ଖୁଣ୍ଟବନ୍ଧ ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ " ସାମାଜିକ ପ୍ରଭାବ ପରିଚାଳନା ଯୋଜନା " ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ :-**

ସଠିକ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ " ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ **'ବିଶେଷଜ୍ଞ ଦଳ'** ଗଠନ କରାଯାଇଅଛି।

ସ୍ୱାତନ୍ତ୍ର –ବହୁଦର୍ଶୀ ବିଶେଷଜ୍ଞ ଦଳ

| | | |
|---|---|---|
| ୧. ପ୍ରଫେସର ଦୁଃଖିଶ୍ୟାମ ଦାସ | ଅବସର ପ୍ରାପ୍ତ ଅଧ୍ୟକ୍ଷ, ଶରଣକୁଳ କଲେଜ | -ସାମାଜିକ ବିଶେଷଜ୍ଞ |
| ୨. ଶ୍ରୀଯୁକ୍ତ ଦାମଦୋର ସାହୁ | ସମାଜସେବି | - ସାମାଜିକ ବିଶେଷଜ୍ଞ |
| ୩. ଶ୍ରୀମତୀ ଲକ୍ଷ୍ମୀ ଦେଇ | ସରପଞ୍ଚ, ବଡଗୋଠ ଗ୍ରା.ପ. | - ପଞ୍ଚାୟତ ପ୍ରତିନିଧି |
| ୪. ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଚନ୍ଦ୍ର ଆଚାର୍ଯ୍ୟ | ଓକିଲ, ନୟାଗଡ | -ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ |
| ୫. ଶ୍ରୀଯୁକ୍ତ ଗୌର ଚନ୍ଦ୍ର ମିଶ୍ର | ଓକିଲ, ଦଶପଲ୍ଲା | -ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ |
| ୬. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଦାସ ଓ.ପ୍ର.ସେ, (ଏସ) | ଅତିରିକ୍ତ ଜିଲ୍ଲାପାଳ, ନୟାଗଡ | -ବୈଷୟିକ ବିଶେଷଜ୍ଞ |

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀ ପ୍ରଶନ୍ନ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଯାଇଅଛି।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ।

ଆଇନର ଧାରା ୭ ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱାତନ୍ତ୍ର –ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା। ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚି ମତେ ତା. ୨୭.୦୯.୨୦୧୮ ରିଖ ପୂର୍ବାହ୍ନ ଘ ୧୧.୩୦ ମି ସମୟରେ ଅତିରିକ୍ତ ଜିଲ୍ଲାପାଳ ନୟାଗଡଙ୍କ ସରକାରୀ ଦପ୍ତରରେ ଅନୁଷ୍ଠିତ କରାଯାଇଥିଲା।

ଏଥିରେ ଶ୍ରୀ ପ୍ରଶନ୍ନ କୁମାର ଦାସ, ଓ.ପ୍ର.ସେ, (ଏସ) ଅତିରିକ୍ତ ଜିଲ୍ଲାପାଳ, ନୟାଗଡ ତଥା ବିଶେଷଜ୍ଞ ଦଳର ଅଧକ୍ଷ ମହାଶୟ ପୌରହିତ କରିଥିଲେ ଏବଂ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

| | |
|---|---|
| ୧. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଦାସ, ଓ.ପ୍ର.ସେ, (ଏସ) | - ଅତିରିକ୍ତ ଜିଲ୍ଲାପାଳ, ନୟାଗଡ (ଅଧକ୍ଷ ) |
| ୨. ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ, ଓ.ପ୍ର.ସେ-୧ (ବ) | - ଉପ-ଜିଲ୍ଲାପାଳ, ନୟାଗଡ |
| ୩. ଶ୍ରୀ ସୀମାଦ୍ରୀ କେ ଆଶିଷ | - ଟିମ ମ୍ୟାନେଜର (ସର୍ଭେ ଏଜେନ୍ସି), ଭୁବନେଶ୍ୱର |
| ୪. ଶ୍ରୀ ମନୋରଞ୍ଜନ ମିଶ୍ର | - ସମନ୍ୱୟକାରୀ, ପୂର୍ବାସା |
| ୫. ପ୍ରଫେସର ଦୁଃଖିଶ୍ୟାମ ଦାସ | - ସାମାଜିକ ବିଶେଷଜ୍ଞ ଦଳ ସଭ୍ୟ |
| ୬. ଶ୍ରୀଯୁକ୍ତ ଦାମୋଦର ସାହୁ | - ସାମାଜିକ ବିଶେଷଜ୍ଞ ଦଳ ସଭ୍ୟ |
| ୭. ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଚନ୍ଦ୍ର ଆଚାର୍ଯ୍ୟ | - ସାମାଜିକ ବିଶେଷଜ୍ଞ ଦଳ ସଭ୍ୟ |
| ୮. ଶ୍ରୀଯୁକ୍ତ ଲୋକନାଥ ପାଣିଗ୍ରାହୀ | - ନିର୍ବାହୀ ଯନ୍ତ୍ରୀ, ପୂର୍ବତଟ ରେଳପଥ, ଭୁବନେଶ୍ୱର |
| ୯. ଶୀଯୁକ୍ତ ସୁଶାନ୍ତ ମିଶ୍ର | - ସହାୟକ ନିର୍ବାହୀ ଯନ୍ତ୍ରୀ, ପୂର୍ବତଟ ରେଳପଥ, ଭୁବନେଶ୍ୱର |
| ୧୦. ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ | - ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡ |
| ୧୧. ଶ୍ରୀଯୁକ୍ତ ମନୋରଞ୍ଜନ ସାହୁ | - ତହସିଲଦାର, ନୂଆଗାଁ |

ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ ଶ୍ରୀ ଦେବେଶ କୁମାର ବିଶ୍ୱାଳ ଉପସ୍ଥିତ ଥିବା ସରକାରୀ ଅଧିକାରୀ ବୃନ୍ଦ ଏବଂ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ । ତତ ପରେ ଆଲୋଚ୍ୟ ବିଷୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଭାବିତ ଗ୍ରାମ ମାନଙ୍କର ଭିତ୍ତିଭୂମି ଜନଶୁଣାଣିର ସାରାଂଶ, କ୍ଷତିଗ୍ରସ୍ତ ପରିବାରଙ୍କ ଜୀବନ ଜୀବିକା ଅଧିଗ୍ରହଣ ହେବାକୁ ଥିବା ବ୍ୟକ୍ତିଗତ ଜମି ଜମାର ସମସ୍ୟା, କ୍ଷତିଗ୍ରସ୍ତ ହେଉଥିବା ସରକାରୀ ଅନୁଷ୍ଠାନ, କୋଠାବାଡି, ରାସ୍ତା, ଜଳାଶୟ ଏବଂ ବିସ୍ଥାପିତ ହେଉଥିବା ପରିବାରଙ୍କ ସ୍ଥିତି ନେଇ ଆଲୋଚନା ହୋଇଥିଲା ।

ପ୍ରଭାବିତ ଗ୍ରାମଟି ନୂଆଗାଁ ତହସିଲ ଅନ୍ତର୍ଗତ ନୟାଗଡ- ଦଶପଲ୍ଲା ରୋଡ ମହିପୁର ପାର୍ଶ୍ୱରେ ଅବସ୍ଥିତ ଅଟେ । ଉକ୍ତ ଦୁଇଟି ଗ୍ରାମରେ ସମୁଦାୟ ୧୦୪ ଟି ପରିବାର ପ୍ରଭାବିତ ହେବାର ତଥ୍ୟ ସାମାଜିକ ପ୍ରଭାବ ଆକଳନ ବିବରଣୀରୁ ଜଣାଯାଏ । ଉକ୍ତ ଗ୍ରାମର ଜମିର ବିବରଣୀ ନିମ୍ନ ମତେ ଦର୍ଶାଇ ଦିଆଗଲା ।

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଅଧିଗ୍ରହଣ ହେଉଥିବା ବ୍ୟକ୍ତିଗତ ଜମିର ପରିମାଣ 4 ଧାରା ଅଧିସୂଚନା ମତେ | ଜନ ଶୁଣାଣି ପରେ ପରିବର୍ତ୍ତିତ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା |
|---|---|---|---|---|
| ୧ | ଭିରୁଡା | ୨୫.୮୪୫ | | ୨୫.୮୪୫ |
| | ଖୁଣ୍ଟୁବନ୍ଧ | ୮.୦୧୦ | | ୮.୦୧୦ |

ପ୍ରଭାବିତ ଭିରୁଡା ଓ ଖୁଣ୍ଟୁବନ୍ଧ ଗ୍ରାମର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ଉପସ୍ଥିତ ଥିବା ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂଯୋଜକ ଶ୍ରୀ ମନୋରଞ୍ଜନ ମିଶ୍ର ରେଳ ପ୍ରକଳ୍ପକୁ ଅତ୍ୟଧିକ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ନିଜର ବହୁମୂଲ୍ୟ ମତାମତ ବ୍ୟକ୍ତ କରିଥିଲେ।

ପରିଶେଷରେ ଆଜିର ବୈଠକରେ ପୌରହିତ କରୁଥିବା ବିଶେଷଜ୍ଞ ଦଳର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଜମି ଅଧିଗ୍ରହଣ ତଥା ବିସ୍ଥାପିତ ଓ ଥଇଥାନ ଆଇନର ବିଭିନ୍ନ ଧାରା ଓ ଉପଧାରା ସମ୍ପର୍କେ ବାଖ୍ୟା କରି, କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଆଇନର ସମ୍ପୃଚିତ ଧାରାରେ ଉପଯୁକ୍ତ କ୍ଷତି ପୁରଣ ଦେଇ ପ୍ରତ୍ୟେକ ପ୍ରଭବିତ ପରିବାରଙ୍କ ସମସ୍ୟା ଦୂର କରିବା ନିମନ୍ତେ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ତଥା ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ।

ଏହି ଖୋର୍ଦ୍ଧା ରୋଡ- ବଲାଙ୍ଗୀର ରେଳ ପ୍ରକଳ୍ପର ସମ୍ପୂର୍ଣ୍ଣ ଡିଜାଇନ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମିଅଧିଗ୍ରହଣର ପ୍ରତିକୁଳ ପ୍ରଭାବକୁ ହ୍ରାସ କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ।

ଏହି ପରିପ୍ରେକ୍ଷୀରେ କୌଣସି ଜନବସତି ବିସ୍ଥାପନ ହେଉ ନ ଥିବା ଜାଣି ସନ୍ତୋଷ ବ୍ୟକ୍ତ କରିଥିଲେ । ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ଷ୍ଟେଶନ ନିର୍ମାଣ କରିବାପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି। ଏହା ପରେ ଜନଶୁଣାଣିରେ ଉତଥାପନ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା।

୧. ପ୍ରଭାବିତ ପରିବାର ଗୁଡିକ ଯେପରି ନିଜ ନିଜ ଜମିର ଉଚିତ ବଜାର ଦରରେ କ୍ଷତି ପୁରଣ ପାଇପାରିବେ, ସେ ସମ୍ପର୍କେ ସଠିକ ବେଞ୍ଚମାର୍କ ଭାଲ୍ୟୁଏସନ ନିର୍ଦ୍ଧାରଣ କରିବା ପାଇଁ ଉପ-ନିବନ୍ଧକ ନୟାଗଡଙ୍କ ଦୃଷ୍ଟି ଆକର୍ଷଣ କରାଯିବାପାଇଁ ନିଷ୍ପତି ନିଆଗଲା।

୨ କ୍ଷତିଗ୍ରସ୍ତ ପରିବାର ମାନେ ହରାଉଥିବା ଜମିର ସଠିକ କ୍ଷତିପୁରଣ ପାଇବା ନିମନ୍ତେ ଆବଶ୍ୟକ ସତ୍ୱଲିପି ପ୍ରସ୍ତୁତ କରିବା ପାଇଁ ତହସିଲରେ ବକେୟା ଥିବା ମୋକଦମା ମାନ ତୁରନ୍ତ ଫଏସଲା କରିବାପାଇଁ ତହସିଲଦାର, ନୂଆଗାଁ ଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରିଥିଲେ ।

ଏହି ଖୋର୍ଦ୍ଧା ରୋଡ- ବଲାଙ୍ଗୀର ରେଳପଥ ସଂଯୋଗୀକରଣ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲେ, ଏହା ପଶ୍ଚିମ ଓ ପୂର୍ବ ଓଡିଶା ମଧ୍ୟରେ ଏକ ବୃହତ୍ତର ସଂଯୋଗ ସ୍ଥାପନ କରିବା ସହ ନୟାଗଡ ଜିଲ୍ଲା ସହିତ ପାର୍ଶ୍ୱବର୍ତ୍ତୀ ଖୋର୍ଦ୍ଧା, ବଉଦ, ସୋନପୁର, ଏବଂ ବଲାଙ୍ଗୀର ଜିଲ୍ଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସହ ଯୋଗାଯୋଗ ହୋଇପାରିବ। ଏତଦ ବ୍ୟତିତ ଭିରୁଡା ଓ ଖୁଣ୍ଟୁବନ୍ଧ ଠାରେ ଠାରେ ନୟାଗଡ – ଦଶପଲ୍ଲା ରୋଡ ମହିପୁର ନିକଟରେ ଷ୍ଟେଶନ ନିର୍ମାଣ କରାଗଲେ ଦୀର୍ଘଦିନରୁ ପ୍ରତୀକ୍ଷିତ ରେଳପଥର ନିର୍ମାଣ ଦ୍ୱାରା ନୟାଗଡ ଜିଲ୍ଲାର ବିକାଶ ସହ ଗମନାଗମନର ସୁବିଧା ହୋଇ ପାରିବ ବୋଲି ସମୂହ ମତବ୍ୟକ୍ତ କରିଥିଲେ।

ବୈଠକ ଚାଲୁଥିବା ସମୟରେ ଭିରୁଡା ଗ୍ରାମର କ୍ଷତିଗ୍ରସ୍ତ ହେବାକୁ ଥିବା କେତେକ ପ୍ରଜା ଉପସ୍ଥିତ ହୋଇଥିଲେ ଏବଂ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ମତେ ସେମାନଙ୍କର ଦାବି ଉପସ୍ଥାପନା କରିବା ସହିତ ଷ୍ଟେଶନ କରାଗଲେ ସେମାନଙ୍କର ଆପତ୍ତି ନ ଥିବା ପ୍ରକାଶ କରିଥିଲେ । ଦାବି ଗୁଡିକ ମଧ୍ୟରେ ସରକାରୀ ଚାକିରି, ଭତ୍ତା, ମାଗଣାରେ ଶିକ୍ଷ୍ୟାଦାନ ଷ୍ଟେଶନରେ ଦୋକାନ ଗୃହ ମାଗଣାରେ ରେଳ ଯାତ୍ରା, ଡିସିମିଲି ପ୍ରତି ଏ.୧,୦୦,୦୦୦/- ମୂଲ୍ୟାୟନ ଥିଲା । ଅଧ୍ୟକ୍ଷ ସେମାନଙ୍କୁ ପ୍ରକାଶ କରିଥିଲେ ଯେ, ଆଇନ ଅନୁଯାୟୀ ଯାହା ଯାହାର ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରାଯିବ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ସଭା ଶେଷରେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ମତେ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଅଧ୍ୟକ୍ଷ, ନୟାଗଡ

ଜ୍ଞାପକ ସଂଖ୍ୟା                    ତା

ଏହାର ଏକକିତା ନକଲ ଜିଲ୍ଲାପାଳ, ନୟାଗଡ/ ଉପଜିଲ୍ଲାପାଳ, ନୟାଗଡ/ ତହସିଲଦାର, ନୂଆଗାଁ/ ଗ୍ରାମ ପଞ୍ଚାୟତ, ବଡଗୋଠ/ ନୋଟିସ ବୋର୍ଡ/କ୍ଷତିଗ୍ରସ୍ତ ଭିରୁଡା ଏବଂ ଖୁଣ୍ଟୁବନ୍ଧ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଭୂ-ଅର୍ଜନ ମଣ୍ଡଳ ଅଧିକାରୀ<br>
ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥ<br>
ନୂତନ ଓସାରିଆ ରେଳପଥ, ନୟାଗଡ

ଜ୍ଞାପକ ସଂଖ୍ୟା                    ତା

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ଏହା ବିଭାଗର ୱେବସାଇଟରେ ନିୟମ ୧୬ (RFCTLAR & R Rule 2016) ପ୍ରକାରେ ଅର୍ନ୍ତଭୂକ୍ତ କରାଇବେ ।

ଭୂ-ଅର୍ଜନ ମଣ୍ଡଳ ଅଧିକାରୀ<br>
ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥ<br>
ନୂତନ ଓସାରିଆ ରେଳପଥ, ନୟାଗଡ

ଜ୍ଞାପକ ସଂଖ୍ୟା ୨୦୫        ତା 10.10.2018

ଏହାର ଏକକିତା ନକଲ ଡି.ଆଇ.ଓ, ଏନ.ଆଇ.ସି, ନୟାଗଡଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ଏହା ଜିଲ୍ଲା ୱେବସାଇଟରେ ନିୟମ ୧୬ (RFCTLAR & R Rule 2016) ପ୍ରକାରେ ଅର୍ନ୍ତଭୂକ୍ତ କରାଇବେ ।

ଭୂ-ଅର୍ଜନ ମଣ୍ଡଳ ଅଧିକାରୀ<br>
ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥ<br>
ନୂତନ ଓସାରିଆ ରେଳପଥ, ନୟାଗଡ